# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 16 January – 2026

*******************************

## ମୁଖ୍ୟ ସମ୍ବାଦ

- ନବସୃଜନ ଏବଂ ଉଦ୍ୟୋଗ ଦ୍ୱାରା ପରିଚାଳିତ ଭାରତର ଷ୍ଟାର୍ଟଅପ୍ ଏକ ଆତ୍ମନିର୍ଭରଶୀଳ ଏବଂ ସ୍ଥିର ଅର୍ଥନୀତି ଗଠନ କରୁଛି

— ନୂଆଦିଲ୍ଲୀଠାରେ ଆୟୋଜିତ ଷ୍ଟାର୍ଟଅପ୍ ଇଣ୍ଡିଆର ୧୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ କହିଲେ ପ୍ରଧାନମନ୍ତ୍ରୀ

- କୋଲକାତାଠାରେ ଆୟୋଜିତ ନିବେଶକ ସମ୍ମିଳନୀରେ ଶିଳ୍ପପତିଙ୍କ ସହ ଜାରି ରହିଛି ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା
- ପାଠ୍ୟକ୍ରମ ସଂସ୍କାର ଓ ପାଠ୍ୟପୁସ୍ତକ ବିକାଶ ସମ୍ପର୍କରେ ଭୁବନେଶ୍ୱରଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଗୁରୁତ୍ୱାରୋପ
- ନିପା ଭାଇରସ୍‌କୁ ନେଇ ଆଜି ଅପରାହ୍ଣରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହେବ ବୈଠକ

ଏବଂ

- କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହେଲା ଦଶମ ସବ୍‌ଜୁନିୟର ଜାତୀୟ ରଗବୀ-ସେଭେନ୍ସ୍ ଚାମ୍ପିଅନ୍‌ସିପ୍

# ପିଏମ୍-ଷ୍ଟାର୍ଟଅପ୍ ଇଣ୍ଡିଆ

ଷ୍ଟାର୍ଟଅପ୍ ଇଣ୍ଡିଆ ପଦକ୍ଷେପ ଗତ ଦଶ ବର୍ଷ ମଧ୍ୟରେ ଏକ ବିପ୍ଳବରେ ପରିଣତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଷ୍ଟର୍ଟଅପ୍ ଇଣ୍ଡିଆର ୧୦ ବର୍ଷ ପୂରଣ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ମନୋନୀତ ପ୍ରତିନିଧି ମଣ୍ଡଳୀ ସହ ଉଦ୍ୟୋଗୀ ଯାତ୍ରା ଅର୍ନ୍ତଦୃଷ୍ଟି ନେଇ ମତ ବିନିମୟ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ନବସୃଜନ ଏବଂ ଉଦ୍ୟୋଗ ଦ୍ୱାରା ପରିଚାଳିତ ଭାରତର ଷ୍ଟାର୍ଟଅପ୍ ଏକ ଆତ୍ମନିର୍ଭରଶୀଳ ଏବଂ ସ୍ଥିର ଅର୍ଥନୀତିକୁ ଗଠନ କରୁଛି। ଆଜି ଦେଶ ବିଶ୍ୱର ତୃତୀୟ ବୃହତ୍ତମ ଷ୍ଟାର୍ଟଅପ୍ ଇକୋ-ସିଷ୍ଟମ ଭାବେ ଉଭା ହୋଇଛି।

## - V/O -(PM)

ରିଫର୍ମ ଏକ୍ସପ୍ରେସ୍ ଇଣ୍ଡିଆ ଆରମ୍ଭ କରିଥିବା ଷ୍ଟାଟ୍ଅପ୍ ପାଇଁ ମହାକାଶ ଏବଂ ପ୍ରତିରକ୍ଷା ଭଳି ନୂତନ କ୍ଷେତ୍ରରେ ଉଦ୍ୟମ ଅତ୍ୟନ୍ତ ଅନୁକୂଳ ପରିବେଶ ସୃଷ୍ଟି କରିଛି । ଯୁବ ଉଦ୍‌ଭାବକମାନଙ୍କୁ ସମର୍ଥନ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଆତ୍ମନିର୍ଭର ଭାରତ ଗଠନରେ ଷ୍ଟାଟ୍ଅପ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

ସରକାର ଦେଶର ଷ୍ଟାର୍ଟଅପ୍ ଇକୋ ସିଷ୍ଟମକୁ ଅଧିକ ମଜଭୁତ କରିବା ପାଇଁ ସମସ୍ତ ଅଂଶୀଦାରଙ୍କ ସହ କାର୍ଯ୍ୟ କରୁଛନ୍ତି ।

ଷ୍ଟାର୍ଟଅପ୍ ଗୁଡ଼ିକୁ ପରିପୁଷ୍ଟ କରିବାରେ ସହାୟକ ହୋଇଥିବା ପରାମର୍ଶଦାତା, ଉନ୍ମେଷକ, ନିବେଶକ ଏବଂ ଶିକ୍ଷାନୁଷ୍ଠାନର ଅବଦାନକୁ ସ୍ୱୀକୃତି ଦେଇ ପ୍ରଧାନମନ୍ତ୍ରୀ ସେମାନଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି ।

୨୦୧୬ ମସିହା ଜାନୁଆରୀ ୧୬ ତାରିଖରେ ନବସୃଜନକୁ ପୋଷଣ କରିବା, ଉଦ୍ୟୋଗୀତାକୁ ପ୍ରୋତ୍ସାହିତ କରିବା ତଥା ନିବେଶ-ଚାଳିତ ଅଭିବୃଦ୍ଧିକୁ ସକ୍ଷମ କରିବା ଉଦ୍ଦେଶ୍ୟରେ ଜାତୀୟ କାର୍ଯ୍ୟକ୍ରମ ଭାବରେ ଷ୍ଟାର୍ଟଅପ୍ ଇଣ୍ଡିଆର ଶୁଭାରମ୍ଭ ହୋଇଥିଲା ।

## ମୁଖ୍ୟମନ୍ତ୍ରୀ-ପଶ୍ଚିମବଙ୍ଗ ଗସ୍ତ

କୋଲ୍‌କାତାଠାରେ ଆଜିଠାରୁ ନିବେଶକ ସମ୍ମିଳନୀ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ୩ଟି ରାଉଣ୍ଡଟେବୁଲ୍ ବୈଠକ ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ବର୍ତ୍ତମାନ ପ୍ରଥମ ରାଉଣ୍ଡଟେବୁଲ ବୈଠକ ଶେଷ ହୋଇଥିବାବେଳେ ଦ୍ୱିତୀୟ ବୈଠକ ଜାରି ରହିଛି । ବୈଠକରେ ଔଷଧ, ଚିକିତ୍ସା ଉପକରଣ, ଇଲେକ୍‌ଟ୍ରୋନିକ୍ସ, ଆଇଟି, ବୟନଶିଳ୍ପ, ପ୍ଲାଷ୍ଟିକ୍ ଏବଂ କେମିକାଲ୍ସ, ମେଟାଲ ଏବଂ ଡାଉନଷ୍ଟ୍ରିମ୍ ଆଦି କ୍ଷେତ୍ର ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶିଳ୍ପପତିଙ୍କ ସହ ଆଲୋଚନା କରୁଛନ୍ତି ।

ଆସନ୍ତାକାଲି ବିଭିନ୍ନ ଶିଳ୍ପସଂସ୍ଥାର ପ୍ରତିନିଧି ଓ ନିବେଶକଙ୍କୁ ନେଇ ସମ୍ମିଳନୀ ଅନୁଷ୍ଠିତ ହେବ। ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ ଓଡ଼ିଶାର ଶିଳ୍ପ ଅନୁକୂଳ ବାତାବରଣ ସମ୍ପର୍କରେ ଅବତାରଣା କରିବା ସହ ରାଜ୍ୟରେ ନିବେଶ କରିବା ପାଇଁ ଶିଳ୍ପପତିମାନଙ୍କୁ ନିମନ୍ତ୍ରଣ କରିବେ। ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ସମ୍ମିଳନୀରେ ଯୋଗଦେଇଛନ୍ତି।

## ଧର୍ମେନ୍ଦ୍ର ପ୍ରଧାନ

ରାଜ୍ୟ ସରକାର ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ପାଠ୍ୟପୁସ୍ତକର ବିକାଶ କରୁଛନ୍ତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଭୁବନେଶ୍ୱରଠାରେ ଆଜି ପାଠ୍ୟକ୍ରମ ସଂସ୍କାର ଓ ପାଠ୍ୟପୁସ୍ତକର ବିକାଶ ସମ୍ପର୍କିତ ଏକ ଆଲୋଚନା ବୈଠକରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଆଗାମୀ ୨୦୨୬-୨୭ ଶିକ୍ଷାବର୍ଷରୁ ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ୫୫ଟି ନୂତନ ପାଠ୍ୟପୁସ୍ତକ ପ୍ରଚଳନ କରାଯିବ। ଏ ନେଇ ଜିଲ୍ଲାର ଅଧିକାରୀମାନଙ୍କ ସହ ଶିକ୍ଷାମନ୍ତ୍ରୀ ଆଲୋଚନା କରିଛନ୍ତି। ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କେନ୍ଦ୍ର ବିଦ୍ୟାଳୟ

ଶିକ୍ଷା ଓ ସାକ୍ଷରତା ବିଭାଗର ଅତିରିକ୍ତ ଶାସନ ସଚିବ ସୁଶ୍ରୀ ଅର୍ଚ୍ଚନା ଶର୍ମାଙ୍କ ସମେତ ୩୦ଟି ଜିଲ୍ଲାର ଶିକ୍ଷାଧିକାରୀମାନେ ଉପସ୍ଥିତ ଥିଲେ।

## ନିପା ଭାଇରସ

ଭୁବନେଶ୍ୱର ଲୋକସେବା ଭବନରେ ନିପା ଭାଇରସ୍‌କୁ ନେଇ ଆଜି ଅପରାହ୍ଣରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ନିପା ଭାଇରସକୁ ନେଇ ସତର୍କତା ଓ ପ୍ରସ୍ତୁତି ସମ୍ପର୍କିତ ବିଭିନ୍ନ ଦିଗ ଉପରେ ବୈଠକରେ ଆଲୋଚନା ହେବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ସଚିବ ଓ ବରିଷ୍ଠ ଅଧିକାରୀମାନେ ଏଥିରେ ଉପସ୍ଥିତ ରହିବେ।

## ଅଧ୍ୟାପକଙ୍କ ଆଚରଣ ଯାଞ୍ଚ

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ଅଧ୍ୟାପକଙ୍କ କାର୍ଯ୍ୟଦକ୍ଷତା ଓ ଆଚରଣର ଯାଞ୍ଚ ପାଇଁ ସମସ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଓ କଲେଜ ଅଧ୍ୟକ୍ଷଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଆସନ୍ତା ୩୧ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଶିକ୍ଷା ମାନଦଣ୍ଡରେ ଉନ୍ନତି ସହ କାର୍ଯ୍ୟଶୈଳୀର ସମୀକ୍ଷା ଓ ଖରାପ ପ୍ରଦର୍ଶନ କରୁଥିବା ଅଧ୍ୟାପକଙ୍କ ତାଲିକା ପ୍ରସ୍ତୁତ ନେଇ ଚିଠିରେ ଉଲ୍ଲେଖ ରହିଛି।

## ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ନେଇ ଆଜି କାର୍ଯ୍ୟସୂଚୀ ଘୋଷଣା କରାଯାଇଛି । ଆସନ୍ତା ୧୯ ତାରିଖ ସୋମବାର ଦିନ ଅପରାହ୍ଣ ୨ଟାରୁ ୪ଟା ପର୍ଯ୍ୟନ୍ତ ନାମାଙ୍କନ ଦାଖଲ ପ୍ରକ୍ରିୟା ଜାରି ରହିବ । ଅପରାହ୍ଣ ୪ଟାରୁ ୫ଟା ଯାଏଁ ନାମାଙ୍କନ ଯାଞ୍ଚ, ୫ଟାରୁ ୬ ଟା ଯାଏଁ ନାମାଙ୍କନ ପ୍ରତ୍ୟାହାରର ସମୟ ଧାର୍ଯ୍ୟ କରାଯାଇଛି । ଆସନ୍ତା ୨୦ ତାରିଖରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନାମ ଘୋଷଣା କରାଯିବ । ବର୍ତ୍ତମାନ ନୀତିନ ନବୀନ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଛନ୍ତି ।

## ବେଳାଭୂମି ମହୋତ୍ସବ

**ଗଞ୍ଜାମ** ଜିଲ୍ଲା ଚିକିଟି ବ୍ଲକ୍‌ର ସୁନାପୁର ବେଳାଭୂମିରେ ଅନୁଷ୍ଠିତ ହେବାକୁ ଥିବା ବେଳାଭୂମି ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ଉପସ୍ଥିତିରେ ମହୋତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ କରିବା ପାଇଁ ବିଭିନ୍ନ କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଯାଇଛି । ବିଶେଷ ଭାବେ ଲୋକକଳା ଏବଂ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

## ଘୁମୁରା-୨୦୨୬

୨୮ତମ କଳାହାଣ୍ଡି ଉତ୍ସବ-ଘୁମୁରା ୨୦୨୬କୁ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ୍ ଉଦ୍‌ଘାଟନ କରି କହିଛନ୍ତି,ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ବିଷୟବସ୍ତୁ ଏବଂ ପ୍ରସଙ୍ଗକୁ ନିରନ୍ତର ବିକାଶ ପ୍ରକ୍ରିୟାରେ ଅଗ୍ରାଧିକାର ଦିଆଗଲେ ଜିଲ୍ଲାର ଗୌରବ ବୃଦ୍ଧି ପାଇବ। ଏହି ଅବସରରେ ସ୍ଥାନୀୟ ଟାଉନ୍‌ହଲ୍‌ଠାରେ କଳାହାଣ୍ଡିର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶର ମାର୍ଗଦର୍ଶିକା ଶୀର୍ଷକ ସଂପାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## କାୟାକଳ୍ପ ଟିମ୍

**ଗଞ୍ଜାମ** ଜିଲ୍ଲା ଆସିକା ଉପଖଣ୍ଡ ଚିକିତ୍ସାଳୟ ଏବଂ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ଟିମ୍ ପରିଦର୍ଶନ କରି ମେଡିକାଲରେ ରୋଗୀମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ଏବଂ ସ୍ୱଚ୍ଛତାର ମୂଲ୍ୟାଙ୍କନ କରିଥିଲେ। ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଶୁଭାଶିଷ ମହାନ୍ତି, ଡାକ୍ତର ହୃଷିକେଶ ସାହୁ, ଜିଲ୍ଲା ଆଶା ଓ ଗାଁ କଲ୍ୟାଣ ସମିତିର ପରିଚାଳକ ଆଶୀଷ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଡକ ସୁରକ୍ଷା ମାସ

**ବଲାଙ୍ଗିର** ଜିଲ୍ଲା ସରକାରୀ ମହିଳା ମହାବିଦ୍ୟାଳୟରେ ଆଂଚଳିକ ପରିବହନ ବିଭାଗ ପକ୍ଷରୁ ଜାତୀୟ ସଡକ ସୁରକ୍ଷା ମାସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅରବିନ୍ଦ କୁମାର ଓଝାଙ୍କ

ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟ୍ରାଫିକ୍ ସଚେତନତା ସଂଯୋଜକ ପଦ୍ମଲୋଚନ ଭରା ସାଗର ଯୋଗଦେଇ ଛାତ୍ରୀମାନଙ୍କୁ ଟ୍ରାଫିକ୍ ନିୟମ ସମ୍ପର୍କରେ ସଚେତନ କରାଇଥିଲେ ।

## ତୀର୍ଥଯାତ୍ରା

ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଜିଠାରୁ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଅଧୀନରେ **ମାଲକାନଗିରି**, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାରୁ ୭୫ ଜଣ ତୀର୍ଥଯାତ୍ରୀ ବାରାଣାସୀ-ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଛନ୍ତି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ତୀର୍ଥଯାତ୍ରୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ଚୁକ୍ତିନାମା

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ନ୍ୟାସନାଲ ଆଲାଏନ୍ସ ଅଫ୍ ଓମେନ୍ ଓଡ଼ିଶା (ନାଓ) ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଚୁକ୍ତିପତ୍ର ଦ୍ୱାରା ମିଳିତ ସମ୍ମିଳନୀ, କର୍ମଶାଳା, ପାଠଚକ୍ର, ବିଭିନ୍ନ ବୈଠକ, ପବ୍ଲିକେଶନ, ମହିଳା ସଶକ୍ତୀକରଣ ଏବଂ ବିଭିନ୍ନ ପ୍ରକଳ୍ପ ଉପରେ କାର୍ଯ୍ୟ କରାଯିବ । ଚୁକ୍ତି ସ୍ୱାକ୍ଷର ସମୟରେ ନାଓର ସମ୍ପାଦିକା ପ୍ରମିଳା ସ୍ୱାଇଁ ସହପ୍ରତିଷ୍ଠାତା ବିଶାଖା ଭଞ୍ଜ ଉପସ୍ଥିତ ଥିବାବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି

ପ୍ରଫେସର ଗୀତାଞ୍ଜଳି ଦାଶ ଏବଂ  କୁଳସଚିବ ସଚିଦାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରୋବୋଟିକ୍ସ ପ୍ରଶିକ୍ଷଣ

ଦକ୍ଷିଣ ଓଡ଼ିଶା ଜୋନ୍‌ସ୍ତରୀୟ କୃତ୍ରିମ ବୁଦ୍ଧିମତ୍ତା ଓ ରୋବୋଟିକ୍ସ ପ୍ରଶିକ୍ଷଣ ଶିବିର **ଗଞ୍ଜାମ** ଜିଲ୍ଲା ଛତ୍ରପୁରସ୍ଥିତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି।  ଓଡ଼ିଆ ମାଧ୍ୟମରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳ ସହ ପରିଚିତ କରାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଓକାକ୍ ଓ ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିଭିଟେଡ୍ ଦ୍ୱାରା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟରୁ ୧୨ ହଜାର ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଆଗାମୀ ଦିନରେ ଯୁବପିଢ଼ିମାନେ ଅତ୍ୟାଧୁନିକ ଜ୍ଞାନକୌଶଳରେ ପାରଙ୍ଗମ ହୋଇ ଆତ୍ମନିର୍ଭର ହେବା ପାଇଁ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମତ ବ୍ୟକ୍ତ କରିଥିଲେ।

## ଧାନମଣ୍ଡି

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଉପସଚିବ ସରୋଜ କୁମାର ପଣ୍ଡା ଆଜି **ଭଦ୍ରକ** ଜିଲ୍ଲା ଧାମନଗର ବ୍ଲକ୍‌ର ବିଭିନ୍ନ ଅଂଚଳ ଗସ୍ତକରି ଧାନମଣ୍ଡି ପରିଦର୍ଶନ କରିଛନ୍ତି। ଗସ୍ତ ସମୟରେ ଶ୍ରୀ ପଣ୍ଡା ଚାଷୀ ଓ ଯୋଗାଣ

ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଧାନ ବିକ୍ରି ପାଇଁ ସମବାୟ ସମିତିକୁ ଆସୁଥିବା ଏଫ୍‌ଏକ୍ୟୁ ମାନର ଧାନ, ଅଦିନିଆ ବର୍ଷା ସମୟରେ ଚାଷୀଙ୍କ ଧାନ ସୁରକ୍ଷିତ ରଖିବା, ଧାନ କିଣା ପାଇଁ ଉପଯୁକ୍ତ ବ୍ୟବସ୍ଥା, ଅସ୍ଥାୟୀ ଗୋଦାମ ଗୃହ ନିର୍ମାଣ ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ଚଳିତ ଖରିଫ୍ ବର୍ଷରେ ଜିଲ୍ଲାରେ ୧୩ ହଜାର କୁଇଣ୍ଟାଲ ଧାନ ଚାଷୀଙ୍କଠାରୁ କ୍ରୟ କରିବାକୁ ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବର୍ତ୍ତମାନସୁଦ୍ଧା ୯୬ ହଜାରରୁ ଅଧିକ ଚାଷୀ ପଞ୍ଜୀକରଣ କରିଥିବା ଜଣାପଡିଛି।

## ନୀଳମାଧବ ଦର୍ଶନ

**ନୟାଗଡ଼** ଜିଲ୍ଲା କଣ୍ଟିଲୋର ନୀଳମାଧବ ମନ୍ଦିରକୁ ଆଜି ବିଧାନସଭାର ପବ୍ଲିକ୍ ଅଣ୍ଡରଟେକିଂ କମିଟି ସଦସ୍ୟଗଣ ପରିଦର୍ଶନ କରିଛନ୍ତି। ଷ୍ଟାଣ୍ଡିଂ କମିଟିର ବିଧାୟକମାନେ ମନ୍ଦିର ପରିଦର୍ଶନ କରିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। କମିଟି ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡାଙ୍କ ନେତୃତ୍ୱରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ୍, ଅଶ୍ୱିନୀ କୁମାର ପାତ୍ର, ନରସିଂହ ଭଦ୍ର, ଦୁଷ୍ମନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ରଗବୀ

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ଦଶମ ସବ୍‌ଜୁନିୟର ନ୍ୟାସନାଲ ରଗବୀ ସେଭେନସ୍ ଚାମ୍ପିଅନ୍‌ସିପ୍ ଆରମ୍ଭ ହୋଇଛି।

କାର୍ଯ୍ୟକ୍ରମକୁ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଘାଟନ କରିଛନ୍ତି। ଏଥିରେ ୨୪ଟି ରାଜ୍ୟରୁ ୫୫୦ରୁ ଊର୍ଦ୍ଧ୍ୱ ୧୫ ବର୍ଷରୁ କମ୍ ବୟସର ଖେଳାଳି ଏବଂ ୧୩୦ରୁ ଅଧିକ ଅଫିସିଆଲ୍ସ୍ ଏବଂ ବୈଷୟିକ ଅଧିକାରୀମାନେ ସାମିଲ ହୋଇଛନ୍ତି। ପ୍ରତିଯୋଗିତାରେ ଉଭୟ ବାଳକ ଏବଂ ବାଳିକା ବର୍ଗରେ ୬୮ଟି ଲେଖାଏଁ ମ୍ୟାଚ୍ ଅନୁଷ୍ଠିତ ହେବ। ମ୍ୟାଚ୍ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ।